# Akashvani, Sambalpur

## SAMBALPURI NEWS EVENING BULLETIN

**8 May 2025- 7.02 pm- 7.12 pm.**

*******************************************

୧- ଅପରେସନ୍ ସିନ୍ଦୁର୍‌କେ ନେଇକରି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଯାଇଛେ ଭିନ୍ ଭିନ୍ ମନ୍ତ୍ରଣାଳୟ ଆର୍ ବିଭାଗ୍‌ର ସଚିବମାନ୍‌କର୍ ବୈଠକ୍ ।

୨- ପାକିସ୍ତାନ୍ ଉପ୍‌ରେ ନିଆଯାଇଥିବା ଜବାବି କାର୍ଯ୍ୟାନୁଷ୍ଠାନ୍ ବାବ୍‌ଦେ ବୈଦେଶିକ ମନ୍ତ୍ରଣାଳୟ ଆର୍ ସେନାବାହିନୀ ତର୍‌ଫୁ ଦିଆଯାଇଛେ ସୂଚ୍‌ନା ।

୩- ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଓଡ଼ିଶାଗସ୍ତ ସ୍ଥଗିତ ।

ଆଉର୍

୪- ଗଞ୍ଜାମ୍ ଜିଲ୍ଲା ତାରାତାରିଣୀ ପୀଠର୍ ବିକାଶ୍ ଲାଗି ୬୮ କୋଟି ଟଙ୍କାର୍ ପ୍ରକଳ୍ପର୍ ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

ପ୍ରଧାନ୍‌ମନ୍ତ୍ରୀ ସଚିବ ବୈଠକ୍ ଏନ୍‌ଏସ୍‌ଡି

ଏଛନିର୍ ସମିଆଥି ଦେଶର୍ ସୁରକ୍ଷାକେ ନେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସବୁ ମନ୍ତ୍ରଣାଳୟ ଆଉ ବିଭାଗ୍‌ର

ସଚିବମାନ୍‌କୁ ନେଇକରି ଗୁଟେ ଜରୁରୀ ବୈଠକ୍ କରିଛନ୍ । ଜରୁରୀ ସମିଆଥି ନିଜର୍ ନିଜର୍ ଭିତ୍‌ରେ ସମନ୍ୱୟ ରଖିକରି ସବୁ ପ୍ରକାର୍ ଥିତିର୍ ଲାଗି ତୟାର୍ ରହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ସଚିବମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବେସାମରିକ ସୁରକ୍ଷା ବ୍ୟବସ୍ଥାକେ ବର୍‌କସ୍ କରାଯିବା, ଭୁଲ୍ ଖବର୍ ଉପ୍‌ରେ ନଜର୍ ଦେବାର୍ ଆର୍ ଜରୁରୀ ଭିତିଭୂମିର୍ ସୁରକ୍ଷା ଦିଗ୍‌କେ ଧ୍ୟାନ୍ ଦେବାର୍ ବିଷେଥି ବୈଠକ୍ ନ ଆଲୋଚନା ହେଇଥିଲା ।

ସର୍ବଦଲୀୟ ବୈଠକ       ଏନ୍‌ଏସ୍‌ଡି

ଅପରେସନ୍ ସିନ୍ଦୁର୍‌କେ ନେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ସଂସଦ୍ ଭବନ୍ ଠାନେ ଆଏଜ୍ ସର୍ବଦଲୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ସବୁ ଦଲର୍ ସାଂସଦ୍ ମାନ୍‌କୁ କେନ୍ଦ୍ର ସର୍‌କାର୍‌ଙ୍କର୍ ଅପରେସନ୍ ସିନ୍ଦୁର୍ ବାବ୍‌ଦେ ଟିକ୍‌ନିଖି ଜନେଇଥିଲେ । ଦେଶର୍ ସୁରକ୍ଷା ଥିତିକେ ନେଇକରି ଇହାଦେର୍ ସମିଆଥି କେନ୍‌ସି ଭିଲ୍ ରାଜ୍‌ନୀତି କରା ନାଇଁ ଯାଏ ବଲି ସବୁ ଦଲର୍ ସାଂସଦ୍‌ମାନେ ଗୁଟେ ସୁରେ

କହିଛନ୍ ବଲି ବୈଠକ୍ ଉତ୍‌ରୁ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ସୂଚ୍‌ନା ଦେଇଛନ୍ ।

ପାକିସ୍ତାନ୍ ଏୟାର୍ ଡିଫେନ୍ସ ସିଷ୍ଟମ୍ ଧ୍ୱଂସ ଏନ୍‌ଏସ୍‌ଡି

ପାକିସ୍ତାନୀ ସେନା ଜମ୍ମୁ କାଶ୍ମୀର୍‌ର ଏଲ୍.ଓ.ସି. ସୀମ୍‌ନା ଗାଁମାନ୍‌କୁ ଟାର୍‌ଗେଟ୍ କରିଥିଲା । ଇଥି ୧୬ ଝନ୍‌କର୍ ଜୀବନ୍ ଯାଇଥିଲା ବେଲେ ୫୦ ନୁ ଅଏତ୍‌କା ଲୋକ୍ ଜଖମ୍ ହେଇଥିଲେ । ଇତାର୍ ଜବାବ୍‌ଥି ଭାରତୀୟ ସେନା ତର୍‌ଫୁ ଆଏଜ୍ ପାକିସ୍ତାନ୍‌ର ଭିନ୍ ଭିନ୍ ଜାଗା ନ ଥିବା ସେନାର ବହୁତ୍‌ଟେ ଏୟାର୍ ଡିଫେନ୍ସ ରାଡ଼ାର୍ ସିଷ୍ଟମ୍ ଉପ୍‌ରେ ଟାର୍‌ଗେଟ୍ କରାଯାଇଛେ ବଲି ଭାରତୀୟ ବାୟୁସେନା ଆଉ ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍‌ଫୁ ମିଲିତ୍ ସାମ୍ବାଦିକ୍ ସମ୍ମିଳନୀଥି ସୂଚ୍‌ନା ଦିଆଯାଇଛେ । ଘଟ୍‌ନା ବାବ୍‌ଦେ ସୂଚ୍‌ନା ଦେଇକରି କର୍ଣ୍ଣଲ୍ ସୋଫିଆ କୁରେସି କହିଛନ୍, ମେ ୭ ଆଉ ୮ ତାରିଖ୍ ରାତି ପାକିସ୍ତାନୀ ସେନା ସୀମ୍‌ନା ଇଲାକାର୍ ଅବନ୍ତିପୁରା, ଶ୍ରୀନଗର୍, ଜମ୍ମୁ, ପଠାନ୍‌କୋଟ୍, ଚଣ୍ଡିଗଡ଼୍, ଅମୃତ୍‌ସର, କପୁର୍‌ତାଲା, ଜଲନ୍ଧର୍, ଲୁଧିଆନା, ଆଦମ୍‌ପୁର୍, ଭଟିଣ୍ଡା, ନାଲ୍, ଫାଲୋଡି, ଉତର୍‌ଲାଇ ଆଉ ଭୁଜ୍ ଇଲାକାକେ ଡ୍ରୋନ୍ ଆଉ କ୍ଷେପଣାସ୍ତ୍ର ମାଡ଼୍ କରିଥିଲା । ଭାରତୀୟ ସେନାର୍ ଜବାବି କାର୍ଯ୍ୟାନୁଷ୍ଠାନ୍‌ଥି ପାକିସ୍ତାନ୍‌ର ଲାହୋର୍ ଠାନେ ଥିବା ଏୟାର୍ ଡିଫେନ୍ସ ସିଷ୍ଟମ୍ ଧ୍ୱଂସ ହେଇଯାଇଛେ ।

(ଭଏସ୍ ଓଭର୍- କର୍ଣ୍ଣଲ୍ ସୋଫିଆ କୁରେସି )

ଇ ଅବ୍‌ସରେ ବୈଦେଶିକ୍ ସଚିବ ବିକ୍ରମ୍ ମିଶ୍ରି କହିଛନ୍, ପାକିସ୍ତାନ୍ ବିଶ୍ୱ ଆତଙ୍କବାଦ୍‌ର କେନ୍ଦ୍ରସ୍ଥଲ୍ ହେଇକରି ସାରା ପୁର୍‌ଥିକେ ପ୍ରଦୂଷିତ୍ କରୁଛେ, ଯାହାର୍ ବହୁତ୍‌ଟେ ପ୍ରମାଣ୍ ରହିଛେ । ଆତଙ୍କବାଦୀମାନ୍‌କୁ ପାକିସ୍ତାନ୍ ଶହୀଦ୍ ମାଏନ୍‌ତା ଦେବାର୍‌ଟା ଇତାର୍ ବଡ଼ ପ୍ରମାଣ୍ ଆଏ ବଲି ଶ୍ରୀ ମିଶ୍ରି କହିଛନ୍ ।

ଅପରେସନ୍ ସିନ୍ଦୁର୍- ଖାଦ୍ୟ ଯୋଗାଣ ମନ୍ତ୍ରୀ ଆର୍‌ଏନ୍‌ୟୁ କଟକ୍

ଅପରେସନ୍ ସିନ୍ଦୁର୍ ଉତ୍‌ରୁ ଦେଶେ ଦେଖାଦେଇଥିବା ଯୁଦ୍ଧ ଥିତି ଲାଗି ଅତି ଜରୁରୀ ଦରବ୍ ମହଜୁଦ୍ ରଖିବାର୍ ଲାଗି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ । ମନ୍ତ୍ରୀ କହିଛନ୍, ଆଗ୍‌କେ ଯେନ୍ ପ୍ରକାର୍ ଭିଲ୍ ଥିତି ଦେଖାଦେବା, ସେଥିର୍‌ଲାଗି ରାଜ୍ୟ ସର୍‌କାର୍ ପୁରା ତିଆର୍ ଅଛନ୍ । ଦାଏଲ୍, ଚାଉଲ୍, ତେଲ୍ ବାଗିର୍ ଅତି ଦର୍‌କାରୀ ଦରବ୍ ବହୁତ୍‌ଟେ ଠୋଲ୍ କରି ରଖିଛନ୍ । ଇ ସମିଆଥି କେନ୍‌ସି ଭିଲ୍ ପ୍ରକାରର୍ କଳାବଜାରୀକେ ସହା ନାଇଁ ଯାଏ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଏୟାର୍ ଇଣ୍ଡିଆ- ପ୍ରତିରକ୍ଷା କର୍ମଚାରୀ/ ଆର୍ଏନ୍ୟୁ ସମ୍ବଲପୁର

ବିମାନ୍ ଟିକେଟ୍ ବୁକିଂ କରିଥିବା ପ୍ରତିରକ୍ଷା କର୍ମଚାରୀମାନ୍‌କର୍ ଲାଗି ମାହାଲିଆ ଯାତ୍ରା ବ୍ୟବସ୍ଥା କର୍‌ବାର୍ ସହେତେ ବାତିଲ୍ ହେଇଥିବା ଟିକେଟ୍‌ର ଟଙ୍କା ଫିରେଇ ଦିଆଯିବା ବଲି ଏୟାର୍ ଇଣ୍ଡିଆ କହିଛେ । ଅପରେସନ୍ ସିନ୍ଦୁର୍ ଉତ୍‌ରୁ ଭାରତୀୟ ସଶସ୍ତ୍ର ବାହିନୀକେ ସମର୍ଥନ୍ କରିକରି ଏୟାର୍ ଇଣ୍ଡିଆ ଆଉ ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍ ତର୍‌ଫୁ ଇ ନିଷ୍ପତି ନିଆଯାଇଛେ । ବାତିଲ୍ ହେଇଥିବା ଟିକେଟ୍‌ର ଟଙ୍କା ଫିରାବାର୍ ବ୍ୟବସ୍ଥା ଆଏବା ୩୧ ତାରିଖ୍‌ତକ୍ ଚାଲୁ ରହେବା । ସେନ୍ତା ଜୁନ୍ ୩୦ ତାରିଖ୍‌ତକ୍ ପ୍ରତିରକ୍ଷା କର୍ମଚାରୀମାନେ ମାହାଲିଆ ଯାତ୍ରା କରିପାର୍‌ବେ ବଲି ଏୟାର୍ ଲାଇନ୍ସ ତର୍‌ଫୁ ଘୋଷ୍‌ନା କରାଯାଇଛେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଗସ୍ତ କାର୍ଯ୍ୟକ୍ରମ୍ ସ୍ଥଗିତ ଆର୍ଏନ୍ୟୁ/ ସମ୍ବଲପୁର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ୍ ସ୍ଥଗିତ୍ ହେଇଛେ ବଲି ବିଧାୟକ୍ ଜୟନାରାୟଣ୍ ମିଶ୍ର କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍

ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍ କହିଛନ୍, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ଗସ୍ତ କାର୍ଯ୍ୟକ୍ରମ୍ ବାତିଲ୍ ହେବାର୍‌ନୁ ଆଏବା ୧୦ ଆଉ ୧୧ ତାରିଖ୍ ହେବାର୍‌କେ ଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍‌କୁ ସ୍ଥଗିତ୍ ରଖାଯାଇଛେ ।

ମୁଖ୍ୟମନ୍ତ୍ରୀ- ଗଞ୍ଜାମ୍ ସିଏମ୍‌ଓ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ତାରାତାରିଣୀ ପୀଠର୍ ବିକାଶ୍ ଲାଗି ୬୮ କୋଟି ଟଙ୍କାର୍ ପ୍ରକଳ୍ପ ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଞ୍ଜାମ୍ ଜିଲ୍ଲା ପୁରୁଷୋତମ୍‌ପୁର୍ ବ୍ଲକ୍‌କେ ଯାଇକରି ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ପୀଠର୍ ଉନ୍ନତି କାମ୍‌କେ ତୁର୍‌ତି ସାର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ପୁରୁଷୋତମ୍‌ପୁର୍ ବ୍ଲକ୍‌ର ଗାଙ୍ଗଦହଣୀ ଉଚ୍ଚବିଦ୍ୟାଳୟର୍ ଶତବାର୍ଷିକୀ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ ।

ବିଶ୍ୱବିଦ୍ୟାଳୟ କୁଳପତି, ପ୍ରଧାପକ ନିଯୁକ୍ତି /ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଖୋବ୍ ଜଲ୍ଦି ବିଶ୍ୱବିଦ୍ୟାଲୟମାନ୍‌କର୍ କୁଲପତି ଆଉ ପ୍ରଧାପକ ନିଯୁକ୍ତି ପ୍ରକ୍ରିୟା ମୁଲ୍ ହେବା ବଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ସେ କହିଛନ୍, କୁଲପତି ଆଉ ପ୍ରଫେସର୍ ନିଯୁକ୍ତିକେ ନେଇକରି ଯେନ୍ ବାଧା ରହିଥିଲା ସୁପ୍ରିମ୍‌କୋର୍ଟ ଗଲାକାଏଲ୍ ସେଟାକେ ଦୂର୍ କରିଛନ୍ । ହେଥିର୍‌ଲାଗି ଖୋବ୍ ଜଲ୍ଦି ରାଜ୍ୟ ସର୍‌କାର୍ ନିଯୁକ୍ତି ପ୍ରକ୍ରିୟା ମୁଲ୍ କର୍‌ବେ ବଲି ଉଚ୍ଚଶିକ୍ଷାମନ୍ତ୍ରୀ କହିଛନ୍ ।

ବେସର୍‌କାରୀ ସ୍କୁଲ୍ ନ ନାଁଲେଖା ବିଜ୍ଞପ୍ତି I&PR

ଶିକ୍ଷା ଅଧିକାର୍ ଆଇନ୍ -୨୦୦୯ ଆଧାର୍‌ଥି ଯେନ୍ ଛାତ୍ରଛାତ୍ରୀ ବେସର୍‌କାରୀ ବିଦ୍ୟାଲୟମାନ୍‌କେ ନାଁ ଲେଖାବାର୍‌କେ ଆବେଦନ୍ କରିଥିଲେ, ହେଲେ କେନ୍‌ସି କାରଣ୍‌ନୁ ଲଟ୍‌ରୀନୁ ବାଦ୍ ପଡ଼ି ଯାଇଛନ୍ ସେମାନେ ଫେର୍‌ଘାଏ ୨ ନମ୍ବର୍ ଖେପେ ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ଇତାକେ ନେଇକରି ସବୁ ଗୋଷ୍ଠୀ ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଭିଲ୍ କରାଯାଇଛେ । ଗୋଷ୍ଠୀ ଶିକ୍ଷାଧିକାରୀମାନ୍‌କର୍ କାର୍ଯ୍ୟାଳୟ ଠାନେ ୨ ଆର୍ ୩ ନମ୍ବର ଖେପ୍ ଅନ୍‌ଲାଇନ୍ ଆବେଦନ୍, ଅଭିଭାବକ୍ ଆର୍

ଛାତ୍ରଛାତ୍ରୀମାନ୍‌କର ସମସ୍ୟାର୍ ସମାଧାନ୍ ଲାଗି ସାହାଜ୍ କେନ୍ଦ୍ର ଖୁଲ୍‌ବାର୍‌କେ କୁହାଯାଇଛେ । ୨ ନମ୍ବର୍ ଖେପ୍‌ର ସବୁ ଆବେଦନ୍‌କେ ଆଏବା ୨୩ ତାରିଖ୍‌ତକ୍ ଯାଂଚ୍ କର୍‌ବାର୍‌କେ ନିର୍ଦ୍ଦେଶାଳୟ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ଥାଲାସେମିଆ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଥାଲାସେମିଆ ରୋଗର୍ କାର୍ ଆର୍ ଚିକିତ୍ସା ବାବ୍‌ଦେ ଲୁକ୍‌କୁ ଜନାବାର୍ ଉଦ୍ଦେଶ୍ୟ ଆଏଜ୍ ବିଶ୍ୱ ଥାଲାସେମିଆ ଦିବସ୍ ପାଲନ୍ କରାଯାଉଛେ । ଥାଲାସେମିଆ ଗୁଟେ ରକ୍ତବିକାର ରୋଗ ଆଏ । ଇ ବଛ୍‌ର ଇ ଦିବସ୍‌ର୍ ବାର୍ତା ହେଉଛେ 'ଥାଲାସେମିଆ ଲାଗି ଏକ୍‌ଜୁଟ୍ ହେମା :ଥାଲାସେମିଆ ରୋଗୀମାନ୍‌କୁ ଅଗ୍ରାଧିକାର୍ ଦେମା ' ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଶ୍ୱ ଥାଲାସେମିଆ ଦିବସ୍ ଅବ୍‌ସରେ ଇ ରୋଗର୍ ମୁକାବିଲା ଲାଗି ସାମୂହିକ୍ ପଦକ୍ଷେପ୍ ନେବାର୍‌କେ ଜୋର୍ ଦେଇଛନ୍ ।

ବିଶ୍ୱ ରେଡ୍‌କ୍ରସ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସମାଜ୍ ଲାଗି ରେଡ଼କ୍ରସ୍‌ର ଅବଦାନ୍‌କେ ସୋର୍ ପକାବାର୍ ଲାଗି ଇତାର୍ ପ୍ରତିଷ୍ଠାତା ଜନ୍ ହେନେରୀ ଡୁରାଂଟ୍‌ଙ୍କର୍ ଜନମ୍‌ଦିନ୍ ଉଧେ ଆଏଜ୍ ସାରା ପୁର୍‌ଥି ନ ବିଶ୍ୱ ରେଡ଼କ୍ରସ୍ ଦିବସ୍ ପାଳନ୍ କରାଯାଉଛେ । ଇ ବଛରର୍ ବାର୍ତା ହେଉଛେ 'ଆଶା, ସହଯୋଗ୍ ଆଉ ଉପଶମ ସହେତେ ମାନବିକତାକେ ବଂଚେଇ ରଖ୍‌ମା' । ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଶ୍ୱ ରେଡ଼କ୍ରସ୍ ଦିବସ୍ ଅବ୍‌ସରେ ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନ୍‌କର୍ ସାହସ୍‌କେ ସାଧୁବାଦ୍ ଜନେଇଛନ୍ ।

ରେଡ଼କ୍ରସ୍ ଦିବସ୍ ବୌଦ୍ଧ/ ସୁବର୍ଣ୍ଣପୁର ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ରେଡ଼କ୍ରସ୍ ଦିବସ୍ ପାଳନ୍ କରାଯାଇଛେ । ଇ ଅବ୍‌ସରେ ହେଇଥିବା ଆଲୋଚନାସଭାଥି ଛାତ୍ର ସମିଆନୁ ହିଁ ଦେଶ୍ ସେବା ଲାଗି ଆଗେଇ ଆସ୍‌ବାର୍‌କେ ଜିଲ୍ଲାପାଲ୍ ଆହ୍ୱାନ୍ ଦେଇଛନ୍ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାର୍ ଚିକିତ୍ସାଳୟର୍ ରକ୍ତଭଣ୍ଡାର୍ ଠାନେ ରେଡ଼କ୍ରସ୍ ଦିବସ୍ ପାଳିତ୍

ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ରକ୍ତଦାନ୍ ଶିବିର୍‌କେ ଜିଲ୍ଲାପାଲ୍ ଅନ୍ୟା ଦାସ ଉଦ୍‌ଘାଟନ୍ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର୍ ପ୍ରଦୀପ୍ କୁମାର୍ ଗୁରୁଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଶିବିର୍‌ଥି ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

ଶିକ୍ଷାନୁଷ୍ଠାନ୍- ଛୁଟି ଘୋଷ୍‌ନା I&PR

ଜବର୍ ଖରାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍ ଗଲା ମାସର୍ ୨୨ ତାରିଖ୍‌ନୁ ସବୁ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଛୁଟି ଘୋଷ୍‌ନା କରିଛନ୍ । ହେଲେ କେତେଟା ଜାଗା ନ ଇତାର୍ ଉଲ୍ଲଂଘନ୍ କରାଯାଉଥିବାର୍ ନଜର୍‌କେ ଆସିଛେ । ଇ ସର୍‌କାରୀ ନିର୍ଦ୍ଦେଶ୍‌ନାମାକେ ପାଲନ୍ ନାଇଁ କଲେ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ରାଜସ୍ୱ ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର୍ କାର୍ଯ୍ୟାଳୟ ଠାନେ ରାଜସ୍ୱ ବିଭାଗ୍ର ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଉପଜିଲ୍ଲାପାଳ୍, ତହସିଲ୍‌ଦାର୍ ଆଉ ରାଜସ୍ୱ ବିଭାଗ୍ର ଅଧିକାରୀମାନେ ଯୋଗ୍ ଦେଇକରି ରାଜସ୍ୱ ଆଦାୟ, ଲଘୁ ଖଣିଜ ସମ୍ପଦ୍ର ଚୋରୀ ରୁକ୍‌ବାର୍, ସର୍କାରୀ ଜମିର୍ ଜବର୍ ଦଖଲ୍ ଉଚ୍ଛେଦ୍ ବାବ୍‌ଦେ ଆଲୋଚନା କରିଥିଲେ । ବସୁନ୍ଧରା ଯୋଜ୍‌ନାଥି ଯେନ୍ତା ଝନେ ଭିଲ୍ ହିତାଧିକାରୀ ବାଦ୍ ନାଇଁ ପଡ଼୍‌ବେ ସେତାର୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ଜିଲ୍ଲାପାଳ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନିଶାମୁକ୍ତି ଅଭିଯାନ୍-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପୁଲିସ୍ ତର୍‌ଫୁ ନିଶାମୁକ୍ତି ଅଭିଯାନ୍ ଶୁଦ୍ଧି ମୁଲ୍ କରାଯାଇଛେ । ଆରକ୍ଷୀ ଅଧିକ୍ଷକ୍ ଜି.ଆର୍. ରାଘବେନ୍ଦ୍ରଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଜିଲ୍ଲା ନ ଅପରେସନ୍ ଶୁଦ୍ଧି ମୁଲ୍ କରାଯାଇକରି ଭିନ୍ ଭିନ୍ ଜାଗା ନ ନିଶା କାର୍‌ବାର୍ ଉପ୍‌ରେ ଚଢ଼ଉ ଜାରି ରହିଛେ । ଜିଲ୍ଲାର୍ ବହୁତ୍‌ଟେ ଜାଗା ନ ପୁଲିସ୍ ଟିମ୍ ଚଢ଼ଉ କରିକରି ବେଆଇନ୍ ଡ୍ରଗ୍ସ, ମଦ୍, ଗଞ୍ଜେଇ, କଫ୍‌ସିରପ୍ ଜବତ୍ କରିଛେ ବଲି

ଆଏଜ୍ ସାମ୍ବାଦିକ୍ ସମ୍ମିଳନୀ ଜରିଏ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଘବେନ୍ଦ୍ର ସୂଚ୍ନା ଦେଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍ରେ ବୌଦ୍ଧ, ନୂଆପଡ଼ା, କଲାହାଣ୍ଡି, ବଲାଙ୍ଗିର୍ ଆର୍ ସୁନ୍ଦର୍ଗଡ଼୍ ସହେତେ ରାଜ୍ୟର୍ ୧୮ ଜିଲ୍ଲା ନ ଘଡ଼୍ଘଡ଼ି ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସତର୍କ ସୂଚ୍ନା ଜାରି କରିଛେ । ସେନ୍ତା ସମୁଦ୍ରଖଁଡ଼ି ଜିଲ୍ଲାମାନ୍କେ ଗରମ୍ ଆର୍ ଗୁଲ୍ଗୁଲି ବଢ଼୍ବା ବଲି ପାଣିପାଗ କେନ୍ଦ୍ର ସତର୍କ କରିଛେ ।